# ***Career Counselling Programme-2019-20***

| | |
|---|---|
| **Name of Event** | Career Counselling Programme |
| **Date & Time of Program** | 19th November, 2019 from 10.00 a.m. to 2.00 p.m. |
| **Venue** | Room No. 20 and Ground Floor Hall in College Campus |
| **No. of Participants** | 150 NSS, NCC volunteers and non-volunteers |
| **Name of Resource Person** | Ashish Kumar Basantia, District Employment Officer, Dhenknal<br>Itishree Barik, Counsellor, Model Career Centre, Dhenkanal<br>Sibangi Mohanty, Counsellor, Model Career Centre, Dhenkanal |
| **Objective** | Employment Avenues for UG students. |
| **Brief Report of Programme** | Ashish Kumar Basantia, District Employment Officer, Dhenknal, Itishree Barik, Counsellor, Model Career Centre, Dhenkanal & Sibangi Mohanty, Counsellor, Model Career Centre, Dhenkanal give details on Employment Avenues for UG students in power point presentation and questionaries' . |
| **No. of Beneficiary** | 150 Students |

***Photographs***






***Paper Clippings***

## ହିନ୍ଦୋଳ କଲେଜରେ କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ



ରାସୋଳ,୧୯।୧୧(ଆପ୍ର): ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟଠାରେ କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ଅସିତ କୁମାର ଜେନାମଣୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନିଜର ରୁଚି ଅନୁଯାୟୀ କର୍ମ ସଂସ୍ଥାନ ଚୟନ କରିବା ସହ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ନିୟୋଜନ ଉପଦେଷ୍ଟା ଇତିଶ୍ରୀ ବାରିକ, ଶିବାଙ୍ଗି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ କର୍ମ ନିଯୁକ୍ତି ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ । ବିଶ୍ୱବ୍ୟାଙ୍କ ପ୍ରାୟୋଜିତ ଅନୁଷ୍ଠାନ ଉନ୍ନତି ପ୍ରକଳ୍ପ ସଂଯୋଜକ ଅଧ୍ୟାପକ ଦିଲ୍ଲୀପ କୁମାର ଗଡନାୟକ ବିଶ୍ୱବ୍ୟାଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ଓ କର୍ମନିଯୁକ୍ତ ସହାୟତା ପ୍ରଦାନ କରାଯାଉଥିବା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏନ୍‌ସିସି ଅଫିସର ଲେଫ୍ଟାଣ୍ଟ କିଶୋର କୁମାର ପୃଷ୍ଟି ଅତିଥି ପରିଚୟ ଦେଇଥିବା ବେଳେ କ୍ୟାରିୟର କାଉନ୍‌ସେଲିଂ ସେଲ୍‌ର ସଂଯୋଜକ ଅଧ୍ୟାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଡେମୋନେଷ୍ଟ୍ରେଟର ସରୋଜ କୁମାର ସାହୁ, ବିଶ୍ୱରଞ୍ଜନ ସାହୁ, କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ହିନ୍ଦୋଳରେ ବୃତ୍ତି ସଚେତନତା କାର୍ଯ୍ୟକ୍ରମ



ଖଜୁରିଆକଟା,୧୯।୧୧(ଇମିସ): ହିନ୍ଦୋଳ କଲେଜ ଅଡିଟରିୟମରେ ବିଶ୍ୱବ୍ୟାଙ୍କ ସହାୟତା ପ୍ରକଳ୍ପ ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଜି ବୃତ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅସିତ ଜେନାମଣି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାଗ୍ରହଣ ସହିତ କର୍ମନିଯୁକ୍ତି ପାଇଁ ପ୍ରଚେଷ୍ଟା କରିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଏକାନ୍ତ କାମ୍ୟ ବୋଲି କହିଥିଲେ। ଜିଲ୍ଲା ନିୟୋଜନ ଅଧିକାରୀ ଆଶିଷ ବସନ୍ତିଆ ଏବଂ ନିୟୋଜନ ଉପଦେଷ୍ଟା ଇତିଶ୍ରୀ ବାରିକ ଓ ଶିବାଙ୍ଗି ମହାନ୍ତି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କର୍ମ ଓ ଆତ୍ମ ନିଯୁକ୍ତି ସଂପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଶ୍ୱବ୍ୟାଙ୍କ ପ୍ରାୟୋଜିତ ଅନୁଷ୍ଠାନ ଉନ୍ନତି ପ୍ରକଳ୍ପ ସଂଯୋଜକ ଅଧ୍ୟାପକ ଦିଲୀପ ଗଡନାୟକ ତାଙ୍କ ବକ୍ତବ୍ୟରେ ବିଶ୍ୱବ୍ୟାଙ୍କ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଓ କର୍ମନିଯୁକ୍ତି ପାଇଁ ସହାୟତା ପ୍ରଦାନ କରୁଥିବାରୁ ଛାତ୍ରଛାତ୍ରୀମାନେ ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏନ୍‌ସିସି ଅଫିସର କିଶୋର ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବୃତ୍ତି ସଚେତନତା ସେଲର କୋଡିନେଟର ଅଧ୍ୟାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ପଧାନ, ସରସ୍ୱତୀ, ଶଶିବାଳା, କାମାକ୍ଷା ବେହେରା, ଚକ୍ରଧର ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ହିନ୍ଦୋଳ ମହାବିଦ୍ୟାଳୟରେ ବୃତି ସଚେତନତା କାର୍ଯ୍ୟକ୍ରମ



ହିନ୍ଦୋଳ, ୧୯।୧୧(ସୁଶାନ୍ତ ପତି) : ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ବିଶ୍ୱବ୍ୟାଙ୍କ ସହାୟତାରେ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷାର ଉତ୍କର୍ଷତା ଓ ସମାନତା ପାଇଁ ମହାବିଦ୍ୟାଳୟ ବୃତି ସଚେତନତା ସେଲ୍ ଅନୁକୂଲ୍ୟରେ ବୃତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅସିତ୍ କୁମାର ଜେନାମଣି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ ସହ କର୍ମନିଯୁକ୍ତି ପାଇଁ ପ୍ରଚେଷ୍ଟା କରିବାକୁ ମାର୍ଗଦର୍ଶନ ଦେଇଥିଲେ। ଜିଲ୍ଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ନିୟୋଜନ ଉପଦେଷ୍ଟା ଇତିଶ୍ରୀ ବାରିକ, ଶିବାଙ୍ଗି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଯୁକ୍ତ ୩ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରୁ ସ୍ନାତକ ଉପାଧି ପ୍ରାପ୍ତ ପରେ ବିଭିନ୍ନ ବିଭାଗରେ କର୍ମନିଯୁକ୍ତି ତଥା ଆତ୍ମନିଯୁକ୍ତି ସହିତ ଉଦ୍ୟୋଗୀ ହେବାପାଇଁ ପରାମର୍ଶ ଓ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବିଶ୍ୱବ୍ୟାଙ୍କ ପ୍ରାୟୋଜିତ ଅନୁଷ୍ଠାନ ଉନ୍ନତି ପ୍ରକଳ୍ପ ସଂଯୋଜକ ଅଧ୍ୟାପକ ଦିଲ୍ଲୀପ କୁମାର ଗଡ଼ନାୟକ, ବିଶ୍ୱବ୍ୟାଙ୍କ ଅନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ଓ କର୍ମନିଯୁକ୍ତି ପାଇଁ ସହାୟତା ପ୍ରଦାନ କରୁଥିବାରୁ ଛାତ୍ରଛାତ୍ରୀମାନେ ଉଦ୍ଦେଶ୍ୟ ସଂପର୍କରେ ଅବଗତ ହୋଇ ପ୍ରକୃତ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଏନ୍‌ସିସି ଅଫିସର ଲ୍ୟୁଟେନାଂଟ୍ କିଶୋର କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବୃତି ସଚେତନତା ସେଲର କୋ-ଅର୍ଡିନେଟର ଅଧ୍ୟାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଡେମନଷ୍ଟ୍ରେଟର ସରୋଜ କୁମାର ସାହୁ, ବିଶ୍ୱ ରଞ୍ଜନ, ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।